ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ

## ବଡ଼ଚଣା ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ଶିକ୍ଷୟିତ୍ରୀମାନଙ୍କୁ କୈଫିୟତ ତଲବ

ଭୁବନେଶ୍ୱର, ୨୧ ଜାନୁଆରୀ ୨୦୨୦

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଆଜି ଯାଜପୁର ଜିଲ୍ଲା ଗସ୍ତରେ ଯାଇ ବଡ଼ଚଣା ବିଇଓ ଅଫିସ, ବଡ଼ଚଣା ବାଳିକା ବିଦ୍ୟାଳୟ ଓ ଇଜ୍‌ଟନ୍ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଅବସରରେ ବଡ଼ଚଣା ବିଇଓ କାର୍ଯ୍ୟାଳୟର ବିଭୁଲାଭ ପରିଡ଼ା, ଏମ୍‌ଆଇଏସ୍ ସଂଯୋଜକ, ରଶ୍ମିରେଖା ପଣ୍ଡା, ବିଆର୍‌ଟି, ଗଣେଶ ପ୍ରସାଦ ସିଂହ, ବିଆର୍‌ଟି, ଅରବିନ୍ଦ ଜେନା, ଆକାଉଣ୍ଟାଣ୍ଟ ପ୍ରମୁଖ ଅନଧିକୃତ ଅନୁପସ୍ଥିତ ରହିଥିବା ଜାଣି ମନ୍ତ୍ରୀ ଶ୍ରୀ ଦାଶ  ଅସନ୍ତୋଷ ପ୍ରକାଶ କରିଥିଲେ । ବଡ଼ଚଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ରଶ୍ମିତା ସାହୁ, ଶ୍ରୀମତୀ ରଶ୍ମିତା ମହାନ୍ତି, ଛବିଲତା ରଥ, ଦୀପ୍ତିମୟୀ ରାଉତ ଏବଂ ଅର୍ପିତା ପଟ୍ଟନାୟକ ପ୍ରମୁଖ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ଦୁଇ ସପ୍ତାହ ମଧ୍ୟରେ କୈଫିୟତ୍ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଥିଲେ । ବଡ଼ଚଣା ବ୍ଲକ୍ ଶିକ୍ଷା ଅଧିକାରୀ ଦୁଇ ସପ୍ତାହ ମଧ୍ୟରେ କୈଫୟତ ଦେବା ପାଇଁ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଚଳିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେମାନଙ୍କର ଜାନୁଆରୀ ମାସର ଦରମା ବନ୍ଦ ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଛନ୍ତି ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ